प्रेस प्रकाशनी **PRESS RELEASE**

**भारतीय रिज़र्व बैंक**
**RESERVE BANK OF INDIA**

वेबसाइट : www.rbi.org.in/hindi
Website : www.rbi.org.in
ई-मेल/email : helpdoc@rbi.org.in

**संचार विभाग,** केंद्रीय कार्यालय, शहीद भगत सिंह मार्ग, फ़ोर्ट, मुंबई-400001
**Department of Communication**, Central Office, Shahid Bhagat Singh Marg, Fort, Mumbai-400001 फोन/Phone: 022- 22660502

आज़ादी का अमृत महोत्सव

30 **ନୋଭେମ୍ବର, 2023**

# ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଦି ବାଲେଶ୍ୱର ଭଦ୍ରକ ସମବାୟ ବ୍ୟାଙ୍କ ଲିମିଟେଡ୍, ବାଲେଶ୍ୱର (ଓଡ଼ିଶା) ଉପରେ ଆର୍ଥିକ ଜରିମାନା ଲାଗୁ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା, ତା 7 ନଭେମ୍ବର, 2023 ରିଖର ଏକ ଆଦେଶ ଅନୁଯାୟୀ, ଦି ବାଲେଶ୍ୱର ଭଦ୍ରକ ସମବାୟ ବ୍ୟାଙ୍କ ଲିମିଟେଡ୍, ବାଲେଶ୍ୱର (ଓଡ଼ିଶା) ଉପରେ "କ୍ରେଡିଟ୍ ସୂଚନା କମ୍ପାନୀ (CIC)" ଗୁଡିକର ସଦସ୍ୟତା ଉପରେ ଆରବିଆଇ ଦ୍ୱାରା ଜାରୀ କରାଯାଇଥିବା ନିର୍ଦ୍ଦେଶ ଗୁଡିକ ପାଳନ ନକରିଥିବା ହେତୁ ₹50,000/- (ପଚାଶ ହଜାର ଟଙ୍କା ମାତ୍ର) ଜରିମାନା ଲଗା ଯାଇଅଛି| କ୍ରେଡିଟ୍ ସୂଚନା କମ୍ପାନୀଗୁଡିକ (ନିୟମାବଳୀ) ଅଧିନିୟମ, 2005 ର ଧାରା 25(1) (iii) ସହ ପଠିତ ଧାରା 23 (4) ଦ୍ୱାରା ପ୍ରଦତ୍ତ କ୍ଷମତା ବଳରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା, ଏହି ଜରିମାନା ଲାଗୁ କରାଯାଇଅଛି|

ଏହି ଦଣ୍ଡାଦେଶ, ନିୟମର ପରିଲକ୍ଷିତ ତ୍ରୁଟି ଉପରେ ଆଧାରିତ ଏବଂ ଏହାର ଗ୍ରାହକ ମାନଙ୍କ ସହିତ ବ୍ୟାଙ୍କ ଦ୍ୱାରା ହୋଇଥିବା କୌଣସି କାରବାର କିମ୍ବା ଚୁକ୍ତିର ବୈଧତା ଉପରେ ପ୍ରଯୁଜ୍ୟ ନୁହେଁ|

## ପୃଷ୍ଠଭୂମି

31 ମାର୍ଚ୍ଚ 2022 ସୁଦ୍ଧା ବ୍ୟାଙ୍କ ର ଆର୍ଥିକ ସ୍ଥିତି ର ନାବାର୍ଡ ଦ୍ୱାରା କରା ଯାଇଥିବା ବୈଧାନିକ ନିରୀକ୍ଷଣ ରିପୋର୍ଟ ଏବଂ ଏହି ରିପୋର୍ଟ ର ସମୀକ୍ଷା ତଥା ଏତଦ ଦ୍ୱାରା ଜଡିତ ପତ୍ରାଳାପରୁ ଏହା ଜଣାପଡିଲା ଯେ ବ୍ୟାଙ୍କ କ୍ରେଡିଟ୍ ସୂଚନା କମ୍ପାନୀ (CIC) ଗୁଡିକ ରେ କ୍ରେଡିଟ୍ ସୂଚନା ଅପଲୋଡ୍ କରିବାରେ ବିଫଳ ହୋଇଥିଲା| ଫଳସ୍ୱରୂପ, ବ୍ୟାଙ୍କକୁ ଉପରୋକ୍ତ ନିର୍ଦ୍ଦେଶକୁ ପାଳନ ନକରିଥିବା ହେତୁ, କାହିଁକି ଦଣ୍ଡବିଧାନ କରାଯିବ ନାହିଁ ସେ ସମ୍ପର୍କରେ ଏକ କାରଣ ଦର୍ଶାଅ (Show Cause) ନୋଟିସ ଜାରି କରାଯାଇଥିଲା|

ବ୍ୟାଙ୍କର ଉତ୍ତର, ବ୍ୟକ୍ତିଗତ ଶୁଣାଣି ସମୟରେ କରାଯାଇଥିବା ମୌଖିକ ଉପସ୍ଥାପନା ଏବଂ ଏହା ଦ୍ୱାରା କରାଯାଇଥିବା ଅତିରିକ୍ତ ଦାଖଲ ଉପରେ ବିଚାର କରିବା ପରେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶକୁ ପାଳନ ନକରିବାର ଉପରୋକ୍ତ ଅଭିଯୋଗ ଗୁଡିକ ପ୍ରମାଣିତ ହୋଇଛି ଏବଂ ଆର୍ଥିକ ଦଣ୍ଡର ଆବଶ୍ୟକତା ଅଛି|

**(ଯୋଗେଶ ଦୟାଲ୍)**
ମୁଖ୍ୟ ମହାପ୍ରବନ୍ଧକ ଡ

**Press Release: 2023-2024/1381**